## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ, ରାସ୍ତା ଅବରୋଧ



**ଢେଙ୍କାନାଳ ଅଫିସ, ୨୪।୩:** ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର କୋରିଆଁ ଛକରେ ରବିବାର ସକାଳ ପ୍ରାୟ ୬ଟାରେ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭରତ ବେହେରା(୬୫)। ଭରତ ଚାଲିଚାଲି ଯାଉଥିବାବେଳେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଉତ୍ୟକ୍ତ ଅଞ୍ଚଳବାସୀ ୫୫ନଂ. ଜାତୀୟ ରାଜପଥକୁ ପ୍ରାୟ ଏକଘଣ୍ଟା ଧରି ଅବରୋଧ କରିଥିଲେ। ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ସୂଚନାପାଇ ଟାଉନ ଥାନା ଅଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ରାସ୍ତାରୋକୋ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ନଂ. ୯୪/୧୯ରେ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଧରାପଡ଼ି ନ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ



**ଭୁବନ, ୨୪।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ବଡ଼ହାଟ ସାହିରେ ଶନିବାରଠାରୁ ଆରମ୍ଭ ହୋଇଛି ଅଷ୍ଟପ୍ରହର ନାମଯଜ୍ଞ। ଏହା ୩ଦିନ ଧରି ଚାଲିବ। ପ୍ରଥମ ଦିବସରେ ଅଧିବାସ ନୀତି ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ କଳସ ଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଅଞ୍ଚଳର ସମସ୍ତ ସଂକୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ରବିବାର ନାମଯଜ୍ଞ, ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ନାମଯଜ୍ଞରେ ଜିଲାର ବିଭିନ୍ନ ସ୍ଥାନରୁ ୩୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଭାଗନେଇଛନ୍ତି। ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ଯୁବକ ସଂଘ, ଶ୍ରୀଗୌର ସଂକୀର୍ତ୍ତନମଣ୍ଡଳୀର ମିଳିତ ସହଯୋଗରେ ଏହାର ଆୟୋଜନ କରାଯାଉଛି। ପଣ୍ଡିତ ବେହେରା, ସୁବ୍ରତ କୁମାର ସାହୁ, ବିଳାସ ସାମଲ, ଅନୁକୂଳ ପୋଥାଳ, ବିନୋଦ ମହାରଣା, ମାୟାଧର ସାହୁ ପ୍ରମୁଖ ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ଅର୍ଘ୍ୟ ବନ୍ଦାପନା ଉତ୍ସବ



**ଢେଙ୍କାନାଳ ଅଫିସ, ୨୪।୩:** ଦୋଳପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ସହରସ୍ଥିତ ଅମଲାପଡ଼ାରେ ଅର୍ଘ୍ୟ ବନ୍ଦାପନା ଉତ୍ସବ ପାଳିତ ହୋଇଯାଇଛି। ପରମେଶ୍ୱରବାନାକୁ ଶ୍ରୀଶ୍ରୀ ରାମେଶ୍ୱର ମନ୍ଦିରରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଅନାଦିଶ୍ୱରଙ୍କୁ ବନ୍ଦାପନା କରି ଯାଦବମାନେ ଏକାଠି ହୋଇ ଅର୍ଘ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ୩୩ଜଣ ଗୋପାଳ ପରିବାର ଘରେ ପରମେଶ୍ୱର ବାନା ବୁଲାଇ ଅର୍ଘ୍ୟ ଦିଆଯାଇଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ସଭ୍ୟ କୈଳାସ ଚନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ଭୂତିଆ, କୋଷାଧ୍ୟକ୍ଷ ଜୟଦେବ ବେହେରା, ବିଦ୍ୟାଧର ରାଉତ, ଶତ୍ରୁଘ୍ନ ବେହେରା, ସାରଙ୍ଗଧର ଭୂତିଆ, ସନ୍ତୋଷ ଭୂତିଆ, ଅଜୟ ଭୂତିଆ, ଟେରୁ ବେହେରା, ଖଲିସା ବେହେରା, କ୍ଷୀର ବେହେରା, ଯଦୁ ବେହେରା, କଣ୍ଟିଆ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ୩୪ ବୋତଲ ବିଦେଶୀ ମଦ ଜବତ, ଜଣେ ଗିରଫ

**ଭୁବନ, ୨୪।୩(ଡି.ଏନ.ଏ.)** ଭୁବନ ଥାନା ଗୋବିନ୍ଦପୁର ଗ୍ରାମରେ ରବିବାର ପୋଲିସ ଚଢ଼ାଉ କରି ୩୪ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ସୁରେନ୍ଦ୍ର ମଲ୍ଲିକ ଗିରଫ ହୋଇଛନ୍ତି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏ ନେଇ ଭୁବନ ଥାନାରେ ନଂ. ୭୧/୧୯, ଦଫା ୫୨(ଏ)(ଆଇ)ରେ ମାମଲା ରୁଜୁ କରାଯାଇଛି।

■ପାରିବାରିକ କଳହରୁ ନିର୍ମମ ହତ୍ୟା

# ଶାଳକଙ୍କ ଯୌନାଙ୍ଗ କାଟିଦେଲେ ଭିଣୋଇ

**ଢେଙ୍କାନାଳ ଅଫିସ, ୨୪।୩**

ପାରିବାରିକ କଳହ ଏବଂ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବେଶାଳିଆ ନିକଟ ବିଦ୍ୟାବନ୍ଧ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି। ଯୌନାଙ୍ଗ ଏବଂ ବେକକୁ ଅମାନୁଷିକ ଭାବେ କାଟି ସମ୍ପର୍କୀୟ ଶାଳକଙ୍କୁ ହତ୍ୟା କରିଛନ୍ତି ଭିଣୋଇ। ହତ୍ୟାର ଶିକାର ହୋଇଛନ୍ତି ନଗେଶ ରାଉତ। ରକ୍ତମୁଖା ଅଭିଯୁକ୍ତ ରୁଦ୍ର ନାରାୟଣ ନାୟକ (୪୨)ଙ୍କ ଆକ୍ରମଣରୁ ବର୍ତ୍ତିନାହାନ୍ତି ସ୍ତ୍ରୀ ଅନସୂୟା ରାଉତ (୩୦) ଏବଂ ଶାଶୁ ଖୁଲଣା ରାଉତ (୬୦)। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହତ୍ୟାକାଣ୍ଡ ଘଟାଇ ରୁଦ୍ର ଫେରାର ହୋଇଯାଇଛନ୍ତି। ଏହି ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ରୁଦ୍ର କାଶିଆଡିହ ଗ୍ରାମର ଏକ କାଜୁ କମ୍ପାନୀରେ କାମ କରୁଥିବା ରୁଦ୍ର ବିଦ୍ୟାବନ୍ଧ ଗ୍ରାମର ଅନସୂୟାଙ୍କୁ ବିବାହ କରିଥିଲେ। ସେମାନଙ୍କର ବର୍ଷକର ପୁତ୍ର ସନ୍ତାନ ଅଛି। କିଛିଦିନ ହେଲା ଉଭୟଙ୍କ ଦାମ୍ପତ୍ୟ ଜୀବନରେ ବିବାଦ ଲାଗି ରହିଥିଲା। ସ୍ୱାମୀ-ସ୍ତ୍ରୀ କଳହର ସମାଧାନ ଲାଗି ନଗେଶ ହସ୍ତକ୍ଷେପ କରୁଥିଲେ। ଏହାକୁ ନେଇ ସ୍ତ୍ରୀ ସହ ନଗେଶଙ୍କ ସମ୍ପର୍କ ଥିବା ସେ ସନ୍ଦେହ କରୁଥିଲେ। ଏଥିପାଇଁ ନଗେଶଙ୍କ ଉପରେ ପ୍ରବଳ ରାଗ ରଖିଥିଲେ ରୁଦ୍ର। ଏହି ଘଟଣାକୁ ନେଇ ପୂର୍ବରୁ ମଧ୍ୟ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା।

ଦୋଳପର୍ବ ଅବସରରେ ଅନସୂୟା ପୁଅକୁ ଧରି ବାପଘରକୁ ସପ୍ତାହକ ପାଇଁ ଆସିଥିଲେ। ଶନିବାର ରାତିରେ ସମସ୍ତେ ଖାଇ ସାରିବା ପରେ ରୁଦ୍ର ନାରାୟଣ ଘର ଆଗରେ ଥିବା ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଏହାସହ ଘର ଭିତରକୁ ଯାଇଥିବା ବିଦ୍ୟୁତ୍ ତାର କାଟି ଦେଇଥିଲେ। ନଗେଶ ଘରେ ଶୋଇଥିବାବେଳେ ହଠାତ୍ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ହିତାହିତ ଜ୍ଞାନ ହରାଇ ସେ ନୃଶଂସ ଭାବେ ନଗେଶଙ୍କ ଯୌନାଙ୍ଗ ଏବଂ ବେକକୁ କାଟି ଦେଇଥିଲେ। ଚିତ୍କାର ଶୁଣି ନଗେଶଙ୍କୁ ବଞ୍ଚାଇବାକୁ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ତ୍ରୀ ଏବଂ ଶାଶୁ ମଧ୍ୟ ରୁଦ୍ରଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ନଗେଶଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା।

ଏ ନେଇ ନଗେଶଙ୍କ ଭାଇ ଦେବାଶିଷ ସଦର ଥାନାରେ ଅଭିଯୋଗ କରିବା ପରେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ମଳୟ ନାୟକ ସାଇଣ୍ଟିଫିକ ଦଳ ଓ ପୋଲିସ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ନେଇ ନଂ. ୧୨୨/୧୯ରେ ମାମଲା ରୁଜୁ କରାଯାଇଛି । ନଗେଶ ସମ୍ପର୍କରେ ଅନସୂୟାଙ୍କ ବଡ଼ବାପାଙ୍କ ପୁଅ ଭାଇ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ମଳୟ ନାୟକ କୁହନ୍ତି, ହତ୍ୟାକାଣ୍ଡର ଶିକାର ହୋଇଥିବା ନଗେଶଙ୍କ ସହ ରୁଦ୍ରନାରାୟଣଙ୍କ ପାରିବାରିକ ବିବାଦ ଲାଗିରହିଥିଲା। ନଗେଶ ଏବଂ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଥିବା ସେ ସନ୍ଦେହ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତ ଫେରାର ହୋଇଯାଇଛି । ତାଙ୍କୁ ଧରିବା ପାଇଁ ଉଦ୍ୟମ କରାଯାଉଛି।



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

■ଆକ୍ରମଣରେ ସ୍ତ୍ରୀ, ଶାଶୁ ଗୁରୁତର

■ଅଭିଯୁକ୍ତ ଫେରାର, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

■ରେଲୱେ ସାଇଡ୍‌ରୁ ଚ୍ୟାନେଲ ଚୋରି

# କବାଡ଼ିଆଙ୍କୁ ବାନ୍ଧିଲା ପୋଲିସ



ଚୋରି ଲୁହା ଚ୍ୟାନେଲଗୁଡ଼ିକୁ ପୋଲିସ ଜବତ କରୁଛି।

**ପରଜଙ୍ଗ, ୨୪।୩(ଡି.ଏନ୍.ଏ.)**

ପରଜଙ୍ଗ ଥାନା ବାରିହାପୁର ଗ୍ରାମ ନିକଟରେ ନିର୍ମାଣାଧୀନ ରେଳପଥର ବେକେନ୍ ଇମ୍ପା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍ କ୍ୟାମ୍ପ ସାଇଡ୍‌ରୁ ୭ଟି ଲୁହା ଚ୍ୟାନେଲ ଚୋରି ଅଭିଯୋଗରେ କବାଡ଼ିଆ ବିନୟ ସାହୁଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ସୁପର ଭାଇଜର ସୁଧାଂଶୁ ସାହୁଙ୍କ ଅଭିଯୋଗକ୍ରମେ ନଂ. ୭୫/୧୯ରେ ମାମଲା ରୁଜୁ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ୍ ସୂଚନା ଦେଇଛନ୍ତି।

କ୍ୟାମ୍ପ ସାଇଡ୍‌ରୁ ମାର୍ଚ୍ଚ ୨୨ ତାରିଖରେ ୭ଟି ବଡ଼ ଲୁହା ଚ୍ୟାନେଲ ଚୋରି ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ ସୁପରଭାଇଜର ସୁଧାଂଶୁ ବିଭିନ୍ନ କବାଡ଼ିଆ ଦୋକାନରେ ପଚରାଉଚୁରା କରିଥିଲେ। ୨୪ ତାରିଖରେ ବାରିହାପୁରସ୍ଥିତ ବିନୟ ସାହୁଙ୍କ କବାଡ଼ିଆ ଦୋକାନରେ ଉକ୍ତ ଲୁହା ଚ୍ୟାନେଲ ରଖାଯାଇଥିବା ଦେଖି ସ୍ପଷ୍ଟୀକରଣ ମାଗିଥିଲେ। ଏ ସମ୍ପର୍କରେ ବିନୟ ଜାଣି ନ ଥିବା କହିବା ପରେ ସୁଧାଂଶୁ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସ୍ଆଇ ସରୋଜ ସେଠୀ, ଏଏସଆଇ ଗୋପବନ୍ଧୁ ବେହେରା ସଦଳବଳ ପହଞ୍ଚି କବାଡ଼ିଆ ଦୋକାନରୁ ଚୋରି ଚ୍ୟାନେଲଗୁଡ଼ିକୁ ଜବତ କରିଥିଲେ।

ଡମୋଳ ଅଞ୍ଚଳ ରେଲୱେ ସାଇଡିଂରୁ ଅନୁରୂପ ଭାବେ ୩ଥର ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏବେ ସେସବୁ ଉଦ୍ଧାର ହୋଇପାରିନାହିଁ। ସରାଙ୍ଗ ଫାଣ୍ଡି ଅଧୀନ ୫୩ନଂ. ଏବଂ ୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କବାଡ଼ିଆ ଦୋକାନରେ ଉକ୍ତ ସାମଗ୍ରୀର ଚୋରା କାରବାର କରାଯାଉଥିବା ଅଭିଯୋଗ ହେଉଛି। ଏଥିରେ ବିଧିବଦ୍ଧ ଭାବେ ଆନ୍ତଃରାଜ୍ୟ ର୍‍ୟାକେଟ କାମ କରୁଥିବା ସନ୍ଦେହ କରାଯାଉଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ଦିଗରେ ଏସ୍‌ପି ପଦକ୍ଷେପ ନେବାକୁ ଦାବି ହୋଇଛି।

■ଆଜିଠାରୁ ମାଟ୍ରିକ୍ ପରୀକ୍ଷା ଖାତାଦେଖା

# ମୂଲ୍ୟାୟନ କେନ୍ଦ୍ର ନିଷିଦ୍ଧାଞ୍ଚଳ ଘୋଷିତ

**ଢେଙ୍କାନାଳ ଅଫିସ, ୨୪।୩**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଏଚ୍ଏସ୍‌ସି) ପକ୍ଷରୁ ସୋମବାରଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା ଖାତାଦେଖା। ଏହା ଏପ୍ରିଲ ୧୨ ଯାଏ ଚାଲିବ। ଢେଙ୍କାନାଳ ଜିଲାରେ ପରୀକ୍ଷା ମୂଲ୍ୟାୟନ ତ୍ରୁଟିଶୂନ୍ୟ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ଜୋର୍ ଦିଆଯାଇଛି। ଏ ନେଇ ରବିବାର ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଖାତା ମୂଲ୍ୟାୟନ କରାଯିବ। ଏଥିପାଇଁ ହାଇସ୍କୁଲ ପରିସରକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ମୂଲ୍ୟାୟନ କେନ୍ଦ୍ର ମଧ୍ୟକୁ ଅବାଧ ପ୍ରବେଶ ଏବଂ ମୋବାଇଲ ଫୋନ ନେବା ଉପରେ କଟକଣା ଜାରି କରାଯାଇଛି। ସମସ୍ତ ପ୍ରକୋଷ୍ଠରେ ସିସିଟିଭି କ୍ୟାମେରା ଲଗାଯାଇଛି।

ମୂଲ୍ୟାୟନ କାର୍ଯ୍ୟରେ ୧୩ ମୁଖ୍ୟ ପରୀକ୍ଷକ, ୩୪ ସହକାରୀ ମୁଖ୍ୟ ପରୀକ୍ଷକ, ୩୪ ସ୍କ୍ରୁଟିନାଇଜର ଏବଂ ୩୬୧ ଜଣ ସହକାରୀ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ପୂର୍ବାହ୍ନ ୯ଟା ସୁଦ୍ଧା ସମସ୍ତଙ୍କୁ କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ମୂଲ୍ୟାଙ୍କନରେ ଯେପରି କୌଣସି ତ୍ରୁଟି ନ ହୁଏ, ସେଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି।

ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡାଙ୍କ ସଭାପତିତ୍ୱରେ ୨ ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକରେ ବିଇଓ ନିତ୍ୟାନନ୍ଦ ବାରିକ, କ୍ୟାମ୍ପ ସୁପରଭାଇଜର ମୌସୁମୀ ସାହୁ, କ୍ୟାମ୍ପ ଅଫିସର ପ୍ରଦୀପ କୁମାର ଦାସ, ରତ୍ନାକର ଲେଙ୍କା, ଶ୍ରୀରାମ ରାଉତ, ବିଜ୍ଞାନ ପରିଦର୍ଶକ ସୁକାନ୍ତ ଚରଣ ସାହୁ ପ୍ରମୁଖ ସମ୍ବଳ ପ୍ରଶିକ୍ଷକ ଭାବେ ଯୋଗଦେଇ ମୂଲ୍ୟାୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।



ବୈଠକରେ ପରୀକ୍ଷା ଖାତା ମୂଲ୍ୟାୟନ ସମ୍ପର୍କରେ ସୂଚନା ଦିଆଯାଉଛି।

■ମୋବାଇଲ, ଅବାଧ ପ୍ରବେଶ ଉପରେ କଟକଣା

■ତ୍ରୁଟିଶୂନ୍ୟ ମୂଲ୍ୟାଙ୍କନ ଉପରେ ଧ୍ୟାନ ଦେବାକୁ ପରାମର୍ଶ

■ସିସିଟିଭି ସ୍କାନରରେ ରହିବ ମୂଲ୍ୟାୟନ ପ୍ରକୋଷ୍ଠ

## ମହାଚୈତ୍ର ଉତ୍ସବ ପାଇଁ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୨୪।୩**

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଜିଲା ଶାଖା ପକ୍ଷରୁ ଭାଗୀରଥି ସାଗର ନିକଟ ମା' ସିଦ୍ଧ ବାଶେଳୀଙ୍କ ପୀଠ ସଭାଗୃହରେ ରବିବାର ମହାଚୈତ୍ର ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ରୁଦ୍ରାନ୍ତ କୁମାର ଦଳେଇ ଅଧକ୍ଷତା କରିଥିଲେ। ଚଳିତବର୍ଷ ଚୈତ୍ର ଉତ୍ସବକୁ ମହାସମାରୋହରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଉପଲକ୍ଷେ ୧୯ ତାରିଖରେ କାରିଗର ସାହିସ୍ଥିତ ପୁରୁଣା ପୀଠରୁ ମା'ଙ୍କ ଶୋଭାଯାତ୍ରା ନୂତନ ପୀଠରେ ପହଞ୍ଚିବ। ସେଠାରେ ଯଥାବିଧି ପୂଜାର୍ଚ୍ଚନା କରାଯିବ। ୨୧ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ବରିଷ୍ଠ ଉପଦେଷ୍ଟା ଲଛମନ ପରିଡ଼ା, ମୂଷିକବାହନ ସେଠ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଦୀପ୍ତ କୁମାର ବେହେରା, ସଂଘ ଉପସଭାପତି ଦୀପ୍ତିରଞ୍ଜନ ମହାଳିକ, ସଚ୍ଚିଦାନନ୍ଦ ବେହେରା, ନିଲୁ ଦଳେଇ, ସୋମନାଥ ଭାଟ, କାହ୍ନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଭାଜପାର ମିଶ୍ରଣ ପର୍ବ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମୀମାନେ।

**ପରଜଙ୍ଗ, ୨୪।୩(ଡି.ଏନ୍.ଏ.)**

ପରଜଙ୍ଗ ବିଧାନସଭା ଆସନରେ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବ୍ରାହ୍ମଣବେଡିଆ ଆମ୍ବତୋଟାରେ ରବିବାର ଅପରାହ୍ନରେ ଅନୁଷ୍ଠିତ ମିଶ୍ରଣପର୍ବରେ ଦଳ ଶକ୍ତି ପ୍ରଦର୍ଶନ କରିଛି। ଏହି ଅବସରରେ ବିଜେଡିର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ବିଭୂତି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଦୀର୍ଘବର୍ଷ ଧରି ବିଜେଡି କ୍ଷମତାରେ ଥିଲେ ମଧ୍ୟ ରାଜ୍ୟର ଜନସାଧାରଣ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଏପରି ଦୁର୍ନୀତିଗ୍ରସ୍ତ ଶାସନରେ ପରିବର୍ତ୍ତନ ଆବଶ୍ୟକ। ଚଳିତ ନିର୍ବାଚନରେ ଏଥିରେ ସହଯୋଗ କରିବାକୁ ସେ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ସୁଶାନ୍ତ ଦଳବେହେରା ସଭାରେ ସଭାପତିତ୍ୱ କରିବା ସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

ଜିଲା ପରିଷଦ ସଭ୍ୟ ଶରତ ସାହୁ, ଯୁବ ମୋର୍ଚ୍ଚା ସମ୍ପାଦକ ସନ୍ତୋଷ ସାହୁ, ପ୍ରଶାନ୍ତ ଦଳବେହେରା, ଅଜୟ ସାମଲ, ଲକ୍ଷ୍ମୀଧର ସାହୁ, ଦୁର୍ଗାଚରଣ ନାୟକ, ଦୁର୍ଗା ପ୍ରସାଦ ସାହୁ, ଜୟନ୍ତ ସାହୁ, ଗଣେଶ୍ୱର ନାୟକ, ବଗା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ୪୦ ବଖରା ଛାରଖାର

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡ଼ା ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୧ ପରିବାରର ୪୦ରୁ ଉର୍ଦ୍ଧ୍ୱ ବଖରା ଜଳି ପାଉଁଶ ହୋଇଯାଇଛି। ସୂଚନା ପାଇ ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପାତ୍ରପଡ଼ା ଗ୍ରାମ କମାରସାହିର ଅଧିକାଂଶ ଲୋକ ସକାଳୁ ମଜୁରି କାମରେ ବାହାରକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋଟିଏ ଘରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ଏହା ଅନ୍ୟ ଘରଗୁଡ଼ିକୁ ବ୍ୟାପୀ ଯାଇଥିଲା। ସାହି ଲୋକେ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କର୍ମଚାରୀ କହିଛନ୍ତି।

ସାହିର ସୁଦର୍ଶନ ବେହେରା, ମଦନ ବେହେରା, ଜୁଲୁ ବେହେରା, ଶିବ ବେହେରା, ସନୁ ବେହେରା, ଭୁବନ ବେହେରା, ନବୀନ ବେହେରା, ଲିଟୁ ବେହେରା, ଅଲି ବେହେରା, ଭଜମନ ପେଣ୍ଟୁଇ, ରନ ପେଣ୍ଟୁଇ, ନଦିଆଁ ପେଣ୍ଟୁଇ, ବେଡା ବେହେରା, ଅଜିତ ପେଣ୍ଟୁଇ, ଅରୁଣ ପେଣ୍ଟୁଇ, ତରୁଣ ପେଣ୍ଟୁଇ, ଅପି ପେଣ୍ଟୁଇ, ମହାଦେଇ ପେଣ୍ଟୁଇ, ସି ପେଣ୍ଟୁଇ, ରି ପେଣ୍ଟୁଇ, ବୀରବର ପେଣ୍ଟୁଇ ପ୍ରମୁଖଙ୍କ ଘର ଜଳିଯାଇଛି। ଏଥିସହ ଘରେ ମହଜୁଦ ସମସ୍ତ ଆସବାବପତ୍ର, ଟଙ୍କା, ସୁନା, ଧାନ, ଚାଉଳ ଏବଂ କେତେଜଣ ଝିଅ ବାହାଘର ପାଇଁ ରଖିଥିବା ସାମଗ୍ରୀ ଛାରଖାର ହୋଇଯାଇଛି। ଅଗ୍ନିକାଣ୍ଡବେଳେ ନରେଶ ବେହେରାଙ୍କ ୩ ବର୍ଷର ଶିଶୁକନ୍ୟା ଘର ଭିତରୁ ବାହାରିପାରି ନ ଥିଲେ। ଦମକଳ କର୍ମଚାରୀ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ପାତ୍ରପଡ଼ା ସରପଞ୍ଚ ଯୋଗେଶ୍ୱର ସାହୁ ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଥିଲେ। କ୍ଷତିଗ୍ରସ୍ତଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଖାଦ୍ୟ ସହ ସେଠାରେ ରହିବା ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ, ଛେଣ୍ଡିପଦା ରାଜସ୍ୱ ନୀରିକ୍ଷକ ରବିନାରାୟଣ ସେନାପତି ଘଟଣାସ୍ଥଳ ପରିଦର୍ଶନ କରିବା ସହ ସମସ୍ତ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନିର୍ଦ୍ଦେଶରେ ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ କ୍ଷୟକ୍ଷତି ଆକଳନ କରିଛନ୍ତି। ଏ ସଂକ୍ରାନ୍ତ ରିପୋର୍ଟ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲା ପ୍ରଶାସନଙ୍କୁ ପ୍ରଦାନ କରାଯାଇ କ୍ଷତିଗ୍ରସ୍ତଙ୍କୁ ସମସ୍ତ ସୁବିଧା ଯୋଗାଇଦିଆଯିବ ବୋଲି ସେ କହିଛନ୍ତି। ଛେଣ୍ଡିପଦା ବିଡିଓ ରୋମାଞ୍ଚଳ ଖମାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୩ ଦିନ ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ, ବାପୁଜୀ କଲେଜ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ଜଳି ଯାଇଥିବା ଘର।

■୨୧ ପରିବାର ସର୍ବସ୍ୱାନ୍ତ

■୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

■୩ ବର୍ଷର ଶିଶୁକୁ ଉଦ୍ଧାର କଲା ଦମକଳ ବାହିନୀ



ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି।

■ଦେବଦତ୍ତ ଜିଲା ଭାଜପା ଉପସଭାପତି

## 'ମୋତେ କେହି ଜଣାଇ ନାହାନ୍ତି'

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ଜିଲାର ବରିଷ୍ଠ ଭାଜପା ନେତା ଦେବଦତ୍ତ ପଟ୍ଟନାୟକଙ୍କୁ ରବିବାର ଜିଲା ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଜିଲା ସଭାପତି ବିଭୂତି ଭୂଷଣ ପ୍ରଦାନ ତାଙ୍କ ନାମ ଘୋଷଣା କରିଥିବା ଜିଲା ଉପସଭାପତି ନବକିଶୋର ଗୁରୁ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ଦେବଦତ୍ତ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି, ଯାହା ଚର୍ଚ୍ଚାର ବିଷୟ ହୋଇଛି। ଚଳିତ ନିର୍ବାଚନରେ ଦେବଦତ୍ତ କାମାକ୍ଷାନଗର ବିଧାନସଭା ଆସନରୁ ଆଶାୟୀ ପ୍ରାର୍ଥୀ ଥିଲେ। ଏଠାରୁ ଶତ୍ରୁଘ୍ନ ଜେନାଙ୍କୁ ପ୍ରାର୍ଥୀ କରାଯିବା ପରେ ଅସନ୍ତୋଷ ବଢ଼ିଥିଲା। ଅସନ୍ତୁଷ୍ଟଙ୍କୁ ମନାଇବା ଲାଗି ବରିଷ୍ଠ ନେତୃବୃନ୍ଦ ଉଦ୍ୟମ ଜାରି ରଖିଥିଲେ। ଫଳସ୍ୱରୂପ ଦେବଦତ୍ତଙ୍କୁ ଜିଲା ଉପସଭାପତି ପଦ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଜିଲା ସଭାପତି କୁହନ୍ତି, ବିଧିବଦ୍ଧ ଭାବେ ଦେବଦତ୍ତଙ୍କୁ ଏ ନେଇ ଅବଗତ କରାଯାଇନାହିଁ। ତଥାପି ସେ ଜିଲା ଉପସଭାପତି ହେବାରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଥିଲେ। ତେବେ ଏହି ପଦବୀ ଦେବଦତ୍ତଙ୍କୁ ସନ୍ତୁଷ୍ଟ କରିପାରୁଛି କି ନାହିଁ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ୫୧ ୟୁନିଟ୍ ରକ୍ତ ସଂଗ୍ରହ



ବଅଁରପାଳ, ୨୪।୩ (ଡି.ଏନ୍.ଏ.)- ବଅଁରପାଳ ବ୍ଲକ ରାଉତାଳ ସ୍କୁଲ ଠାରେ ହୋଲି ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଧାମୋହନ ଯୁବ ଗୋଷ୍ଠୀର ସଦସ୍ୟମାନେ ଏହାର ଆୟୋଜନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ରାଉତାଳ ଗ୍ରାମ ସଭାପତି ପର୍ଶୁରାମ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନୁଗୋଳ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଯୁବ ଗୋଷ୍ଠୀ ସଭାପତି ନବଘନ ବିଶ୍ୱାଳ, ସମ୍ପାଦକ ପଦ୍ମନାଭ ସାହୁ, କୋଷାଧ୍ୟକ୍ଷ କୁମର ସାହୁ, ଗଣେଶ୍ୱର ସାହୁ, ଦେବାଶିଷ ସାହୁ, ବାପୁନ ଦେହୁରୀ, ବିପ୍ର ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଶାନ୍ତିଲତା ସାହୁ, ସୁକାନ୍ତି ପ୍ରଧାନ, ସୁମନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ଚୋରା କୋଇଲା ଟ୍ରକ୍ ଜବତ

ତାଳଚେର,୨୪।୩(ନି.ପ୍ର.)- ଲିଙ୍ଗରାଜ କୋଇଲା ଖଣି ନିକଟରୁ ଶନିବାର ରାତିରେ ତାଳଚେର ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୦୫ଡବ୍ଲ୍ୟୁ -୫୬୩୮) ଜବତ କରିଛି। ତେବେ ପୋଲିସକୁ ଦେଖି ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୯୧/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ବାଇକ୍ ଲୁଟ ଅଭିଯୁକ୍ତ ଗିରଫ

କଣିହାଁ,୨୪।୩(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ପୋଲିସ ଏକ ବାଇକ ଲୁଟ୍ ଘଟଣାରେ ଶନିବାର ସମଲ ଥାନା କଟରାପଡ଼ା ଗ୍ରାମର ରାଜକିଶୋର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସୁନୀଲ କୁମାର କର କହିଛନ୍ତି, ଗୁରୁବାର ସନ୍ଧ୍ୟାରେ ଥାନା ଅଞ୍ଚଳ ଗହମ ଛକରେ ଏକ ଚୋରା ବାଇକ ଥିବା ଖବର ମିଳିଥିଲା। ପୋଲିସ ବାଇକ୍(ଓଆର-୧୯ଏଫ୪୩୦୪) ଜବତ କରିବା ସହ ଗାଡ଼ିରେ ବସିଥିବା ରାଜକିଶୋରଙ୍କୁ ଥାନାକୁ ଆଣିଥିଲା। ତଦନ୍ତ ସମୟରେ ଗାଡ଼ିରେ ଲାଗିଥିବା ନମ୍ବର ମିଛ ବୋଲି ଜଣାପଡ଼ିଥିଲା।

### ଆଧ୍ୟାତ୍ମିକତା ଶାନ୍ତି ଆଣିଦେବ

ବଇଣ୍ଡା,୨୪।୩(ଡି.ଏନ.ଏ.)- ବର୍ତ୍ତମାନ ମଣିଷ ସମାଜ ଆଧ୍ୟାତ୍ମିକତାରୁ ଦୂରେଇ ଯାଉଛି। ଫଳରେ ସମାଜରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ସମସ୍ତେ କିଛି ସମୟ ପାଇଁ ଭଗବାନଙ୍କୁ ସ୍ମରଣ କଲେ ମନ ସହ ପରିବେଶରେ ଶାନ୍ତି ବଜାୟ ରହିବ ବୋଲି ଶନିବାର କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତ ଖଇରମୁଣ୍ଡା ଗ୍ରାମରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ(ବଇଣ୍ଡା ଶାଖା) ପକ୍ଷରୁ ଆୟୋଜିତ ଶାନ୍ତି ଶୋଭାଯାତ୍ରା ଓ ପ୍ରବଚନ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ବିକେ ବିନୋଦିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଷ୍ଟ୍ କୋଷ୍ଟ ରେଲୱେରେ ଜୁନିୟର ଇଞ୍ଜିନିୟର ଭକ୍ତ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ସ୍ନେହଲତା ପ୍ରଧାନ, ଶିକ୍ଷାବିତ୍ ସୁଧୀର କୁମାର ସାହୁ, ରମେଶ, ବିରଞ୍ଚି, ପ୍ରତାପ, ସୁଦର୍ଶନ, ରମେଶ, ସଂଗ୍ରାମ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମରେ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ତାଳଚେର,୨୪।୩(ନି.ପ୍ର.)- ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ସସ୍ମିତା ଦାସ(୩୨) ରବିବାର ବେଳରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗତ ୩ବର୍ଷ ତଳେ ସେ କେନ୍ଦୁଝର ଜିଲା ବଡବିଲର ଦେବେନ୍ଦ୍ର ନାଥ ବାଘସିଂହଙ୍କୁ ବିବାହ କରିଥିଲେ ହେଁ ପାରିବାରିକ କଳହକୁ ନେଇ ଦେଢ଼ବର୍ଷ ହେଲା ବାପ ଘରେ ରହୁଥିଲେ। ଗତ ସପ୍ତାହରେ ସସ୍ମିତା କଲିୟାରୀ ଥାନାରେ ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଦାଖଲ କରିଥିଲେ। ପୋଲିସ ନମ୍ବର ୮୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସ୍ୱାମୀ ଦେବେନ୍ଦ୍ରନାଥଙ୍କ ନିକଟରୁ ସସ୍ମିତାଙ୍କ ପାଖକୁ ଛାଡପତ୍ର ନୋଟିସ ଆସିଥିଲା। ଏହା ପାଇବା ପରେ ସସ୍ମିତା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରକାଶ କରିଛି। ତାଙ୍କର ଏକ ଦେଢ଼ବର୍ଷର ଝିଅ ଅଛି। କଲିୟାରୀ ଥାନାରେ ଏ ସଂକ୍ରାନ୍ତରେ ନଂ. ୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସେହିପରି ସେଣ୍ଟ୍ରାଲ ହସ୍ପିଟାଲରେ କାମ କରୁଥିବା ସୁଇପର ମନ୍ଦର ଗୋଛାୟତ (୫୭)ଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ନଂ. ୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ■ସରିଲାଣି ଭାଜପା, କଂଗ୍ରେସ ପ୍ରାର୍ଥୀ ଘୋଷଣା

# ବିଜେଡିରେ ଛିଣ୍ଡୁନି ଅଙ୍କ

ଛେଣ୍ଡିପଦା,୨୪।୩(ଡି.ଏନ.ଏ.)/(ସ୍ୱ.ପ୍ର.)

**ଭାଜପା ଓ କଂଗ୍ରେସ ପ୍ରାର୍ଥୀ**



ଅଗସ୍ତି ବେହେରା



ସସ୍ମିତା ବେହେରା

**ବିଜେଡି ଆଶାୟୀ**



ସୁଶାନ୍ତ ବେହେରା



ଖଗେଶ୍ୱର ବେହେରା।

ଅନୁଗୋଳ ଜିଲାରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆଠମଲ୍ଲିକ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ରହିଛି। ତେବେ ଆଠମଲ୍ଲିକ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ବେଳେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଦଳ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ଏହି ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ଛେଣ୍ଡିପଦାରେ ଦଳ ପକ୍ଷରୁ ରାଜ୍ୟ ଉପ ସଭାପତି ଥିବା ସସ୍ମିତା ବେହେରାଙ୍କ ନାଁରେ ମୋହର ମରାଯାଇଛି। କିନ୍ତୁ ଏଯାଏ ବିଜେଡି ଏହି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ। ବର୍ତ୍ତମାନର ବିଧାୟକ ସୁଶାନ୍ତ ବେହେରାଙ୍କୁ ଦଳ ପୁଣି ଥରେ ଛେଣ୍ଡିପଦାରୁ ଟିକେଟ୍ ଦେବ କିମ୍ବା ଅନ୍ୟ ଆଶାୟୀଙ୍କ ମଧ୍ୟରୁ କାହାକୁ ଏଥିପାଇଁ ଚୟନ କରିବ ସେ ନେଇ ଅଙ୍କ ଛିଣ୍ଡୁ ନ ଥିବା କୁହାଯାଉଛି।

ଅନୁସୂଚିତ ଜାତି ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବା ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଛେଣ୍ଡିପଦାର ୩୪ ପଞ୍ଚାୟତ ଓ ବଅଁରପାଳ ବ୍ଲକର ୧୮ ପଞ୍ଚାୟତକୁ ନେଇ ଗଠିତ। ଏଠାକାର ମୋଟ୍ ଭୋଟରଙ୍କ ସଂଖ୍ୟା ହେଉଛି ୨ଲକ୍ଷ ୩ହଜାର ୨୬୩। ସେଥିରୁ ୯୭ ହଜାର ୧୦୫ଜଣ ହେଉଛନ୍ତି ମହିଳା ଓ ୧ ଲକ୍ଷ ୬ହଜାର ୧୫୨ଜଣ ହେଉଛନ୍ତି ପୁରୁଷ ଭୋଟର। ଆସନ୍ତା ଏପ୍ରିଲ ୨୩ରେ ଏଠାରେ ତୃତୀୟ ପର୍ଯ୍ୟାୟରେ ମତଦାନ ହେବ। ଇତିମଧ୍ୟରେ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିବାରୁ ଉଭୟ ଦଳ ପକ୍ଷରୁ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରାଯାଉଛି। କିପରି ଶାସକ ଦଳ ହାତରୁ ଏହି ବିଧାନସଭା ଆସନ ଛଡ଼ାଇ ନେଇହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ପ୍ରାର୍ଥିପତ୍ର ଦାଖଲ ଓ ପ୍ରଚାର ପାଇଁ ସଜବାଜ ମଧ୍ୟ ଆରମ୍ଭ ହୋଇଯାଇଛି। ଗତ ୨୦୧୪ ନିର୍ବାଚନରେ ଭାଜପା ସନ୍ତୋଷ କୁମାର ନାଏକଙ୍କୁ ପ୍ରାର୍ଥୀ କରିଥିଲା। ଏଥର କଂଗ୍ରେସରୁ ଆସିଥିବା ଅଗସ୍ତି ବେହେରାଙ୍କୁ ଦଳ ଏଠାରୁ ଟିକେଟ୍ ଦେଇଛି। ପଞ୍ଚାୟତ ନିର୍ବାଚନରେ ଭାଜପା ଉନ୍ନତ ପ୍ରଦର୍ଶନ କରିଥିବାରୁ ତାହା ବଜାୟ ରଖିବାକୁ ଦଳ ଆଶା ରଖିଛି। ସେହିପରି ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନରେ କଂଗ୍ରେସ ଛେଣ୍ଡିପଦାରୁ ଅଗସ୍ତି ବେହେରାଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡିଠାରୁ ସେ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ। ପରେ ଦଳ ଛାଡ଼ି ସେ ଭାଜପାରେ ଯୋଗ ଦେଇଥିବାରୁ ଏଥର କଂଗ୍ରେସ ରାଜ୍ୟ ଉପସଭାପତି ସସ୍ମିତା ବେହେରାଙ୍କୁ ଏଠାରୁ ପ୍ରାର୍ଥୀ କରିଛି।

ଅପରପକ୍ଷରେ ବିଜେଡି ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା କରାଯାଇ ନ ଥିବାରୁ ଦଳର ଆଶାୟୀଙ୍କ ମଧ୍ୟରେ ଆଶା ଆଶଙ୍କା ବଢ଼ିଯାଇଛି। ବର୍ତ୍ତମାନର ବିଧାୟକ ସୁଶାନ୍ତ କୁମାର ବେହେରା ଦଳୀୟ ଟିକେଟ ପାଇଁ ଦୃଢ଼ ଦାବିଦାର ଥିବା ବେଳେ ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିନୋଦ ବିହାରୀ ନାଏକ, କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ଡାଇରେକ୍ଟର ପଞ୍ଚାନନ ବେହେରା, ଜିଲା ଦଳିତ ମହାସଂଘ ସଭାପତି ରାଜ କିଶୋର ନାଏକ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସୁବଳ ସେଠୀ ପ୍ରମୁଖ ଆଶାୟୀ ତାଲିକାରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ କାହା ଉପରେ ଆସ୍ଥା ପ୍ରକଟ କରିବେ ତାହା ହିଁ ବର୍ତ୍ତମାନର ଚର୍ଚ୍ଚାର ବିଷୟ ହୋଇଛି। ଅଧିକାଂଶ ଆଶାୟୀ ସମର୍ଥକଙ୍କ ସହ ରାଜଧାନୀରେ ଡେରା ମଧ୍ୟ ପକାଇଛନ୍ତି। ଏ ସମ୍ପର୍କରେ ବିଧାୟକ ସୁଶାନ୍ତ କୁମାର ବେହେରା କହିଛନ୍ତି, ଯେଉଁ ଦାୟିତ୍ୱ ମୋତେ ଦିଆଯାଇଥିଲା ତାହା ତୁଲାଇଛି। ପୁନର୍ବାର ପ୍ରାର୍ଥୀ ହେବାକୁ ରାଜ୍ୟ ସଭାପତିଙ୍କ ନିକଟରେ ଆବେଦନ କରିଛି।

## ■ଭାଜପା ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ବୈଠକ

# ଦଳୀୟ ଟିକେଟ୍ ବିନା ଲଢ଼ିବାକୁ ଚେତାବନୀ

ଅନୁଗୋଳ ଅଫିସ, ୨୪।୩

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ଅନେକ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରବିବାର ସନ୍ଧ୍ୟା ୭ଟାରେ ଓବିସି ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ ଓ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତଙ୍କ ସହ ବିଭିନ୍ନ ପଞ୍ଚାୟତସ୍ତରୀୟ ନେତା ଏବଂ କର୍ମୀଙ୍କୁ ନେଇ ଅନୁଗୋଳ ଦଶହରା ପଡ଼ିଆ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଅଢ଼େଇ ଘଣ୍ଟାର ଏହି ବୈଠକରେ ସମସ୍ତ ଦିଗକୁ ବିଚାର କରି ଦଳର ଅସନ୍ତୁଷ୍ଟଙ୍କ ମଧ୍ୟରୁ ଜଣଙ୍କୁ ଦଳୀୟ ଟିକେଟ ବିନା ପ୍ରାର୍ଥୀ କରିବାକୁ ସ୍ଥିର କରାଯାଇଥିଲା।

ଏହି ବୈଠକରେ ଉପସ୍ଥିତ ଥିବା ଓବିସି ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ କହିଛନ୍ତି, ଦଳ ପାଇଁ କାର୍ଯ୍ୟ କରିଥିଲୁ। କିନ୍ତୁ ଦଳ ଆମମାନଙ୍କୁ କୋଣଠେସା କଲା। ଅନ୍ୟ ଦଳରୁ ଲୋକ ଆଣି ପ୍ରାର୍ଥୀ କଲା। ଏହାକୁ ନେଇ ଅନେକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତେବେ ଅସନ୍ତୁଷ୍ଟଙ୍କ ମଧ୍ୟରୁ କିଏ ପ୍ରାର୍ଥୀ ହେବେ ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଆଗାମୀ ଦିନରେ ଏହା ଘୋଷଣା କରାଯିବ ବୋଲି ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଦଳୀୟ ଟିକେଟ ପାଇଥିବା ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ତେବେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ କହିଛନ୍ତି, ସମସ୍ତେ ଦଳର ନିଷ୍ପତ୍ତିକୁ ମାନି କାର୍ଯ୍ୟ କରିବା ଆବଶ୍ୟକ। ଅସନ୍ତୁଷ୍ଟଙ୍କ ବୈଠକ ସମ୍ପର୍କରେ କିଛି ଜଣାନାହିଁ। ଯଦି ଦଳ ବିରୋଧୀ କାର୍ଯ୍ୟ କରାଯାଏ ତାହେଲେ ସେ ନେଇ ପଦକ୍ଷେପ ନିଆଯିବ।

# ୨ ଦିନ ହେବ ମେଡିକାଲରେ ପଡ଼ିଛି ମୃତଦେହ

ଅନୁଗୋଳ ଅଫିସ, ୨୪।୩

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ତାଳଚେର ଥର୍ମାଲ ଅଞ୍ଚଳର ସନ୍ତୋଷ ବିଶୋଇଙ୍କ ସ୍ତ୍ରୀ ସୀତା ବିଶୋଇ(୫୦)ଙ୍କ ମୃତ୍ୟୁ ହୋଇଥିଲେ ହେଁ ତାଙ୍କ ମୃତଦେହ ପରିବାର ଲୋକ ଏଯାଏ ନେଇନାହାନ୍ତି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ଅନୁଗୋଳ ଥାନାକୁ ଖବର ଦେବାପରେ ପୋଲିସ ନଂ. ୪୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଲିଭରରେ ପାଣି ଜମିଥିବାରୁ ଗତ ୧୯ ତାରିଖରେ ସୀତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସାଙ୍ଗରେ ଆସିଥିବା ସମ୍ପର୍କୀୟମାନେ ୨୦ ତାରିଖ ସନ୍ଧ୍ୟାରେ ଘରକୁ ଯାଇଥିଲେ ମଧ୍ୟ ଆଉ ଫେରି ନ ଥିଲେ। ଶନିବାର ମହିଳାଙ୍କ ମୃତ୍ୟୁ ପରେ ଶବ ସଂରକ୍ଷଣ ଗୃହରେ ମୃତଦେହ ରଖାଯାଇଛି।

# ଜଳ ସଂରକ୍ଷଣ ଏକମାତ୍ର ଲକ୍ଷ୍ୟ ହେବା ଉଚିତ

ଅନୁଗୋଳ ଅଫିସ, ୨୪।୩

ସାମାଜିକ କର୍ମୀ ସଙ୍ଗଠନ ସ୍ପନ୍ଦନ ପକ୍ଷରୁ ଏବଂ ଜିଲା ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ଅମାନ୍ତପୁର ବଳରାମ ପ୍ରସାଦ ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗଦାନନ୍ଦ ପ୍ରଧାନ ଯୋଗଦେଇ ଜଳ ସଂରକ୍ଷଣ ଏକମାତ୍ର ଲକ୍ଷ୍ୟ ହେବା ଜରୁରୀ ବୋଲି କହିଥିଲେ। ଏଥିସହିତ ସରକାର କିମ୍ବା କମ୍ପାନୀମାନଙ୍କ ଉପରେ ନିର୍ଭର ନ କରି ବର୍ଷା ଜଳ ସଂରକ୍ଷଣ ଓ ଠିକ୍ ବିନିଯୋଗ ହିଁ ଜଳ ସମସ୍ୟା ସମାଧାନର ଉପାୟ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଶ୍ମିତା ବରାଳ ଯୋଗଦେଇ ପାଇପ୍ ପାନୀୟ ଜଳର ଆବଶ୍ୟକ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଅମାନ୍ତପୁର ଗ୍ରାମ୍ୟ କମିଟି ସଭାପତି ଗୋଲକ ଚନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ। ଅମାନ୍ତପୁର ଓଁ ମା ଆଦିଶକ୍ତି କ୍ଲବ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳ ସଂରକ୍ଷଣ ଓ ବିଶୁଦ୍ଧ ପାନୀୟ ଜଳ ଉପରେ ଆୟୋଜିତ ଏକ ରଙ୍ଗୋଲି ପ୍ରତିଯୋଗିତାରେ ସ୍ଥାନୀୟ ଗୋପବନ୍ଧୁ ଓ ରାଧାପାଦ ସ୍ୱୟଂ ସହାୟକ ଗୋଷ୍ଠୀର ୨୦ ଜଣ ମହିଳା, ଝିଅମାନେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସ୍ପନ୍ଦନର ଦୀପକ ସାହୁ, ବିଭୁ ଶତପଥୀ, ନିର୍ମଳ ମହାରଣା, ଅଜିତ ସାହୁ, ହୃଦାନନ୍ଦ ସାହୁ, ଅଶ୍ୱିନୀ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଅମାନ୍ତପୁର ଗ୍ରାମର ଅଜିତ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ରାଜେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଦୁର୍ଗାପୁର ପାଣସାହି ମୌଜା ବନସୁରକ୍ଷା ସମିତି ଓ ପ୍ରକୃତି ପରିବେଶ ବନ୍ୟଜୀବନ ସମିତି ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ପ୍ରସନ୍ନ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକ ମୁଖ୍ୟଅତିଥି, ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ବେହେରା, ଜରପଡା ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ନାଏକ, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଅଭୟ କୁମାର ଗାଆଣ, ପୂର୍ବତନ ସଭାପତି ପ୍ରଫୁଲ୍ଲ ବେହେରା, ଉପସଭାନେତ୍ରୀ ବିଜୁଳି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨୪।୩(ଡି.ଏନ.ଏ.)- କିଶୋରନଗର ପୋଲିସ ରବିବାର ଅଙ୍ଗପଡ଼ା ଗ୍ରାମରେ ଚଢ଼ାଉ କରି ଫେରାର ଅଭିଯୁକ୍ତ ଦଣ୍ଡୁଆ ବେହେରାଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ଦୀର୍ଘଦିନ ହେଲା ସେ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା।

### ବଉଳିଗଡ଼ ପଞ୍ଚାୟତରେ ମିଶ୍ରଣ ପର୍ବ

ଅନୁଗୋଳ ଅଫିସ, ୨୪।୩- ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଉଳିଗଡ଼ ପଞ୍ଚାୟତରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବଉଳିଗଡ଼ ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଈଶ୍ୱରଚନ୍ଦ୍ର ଗଡ଼ନାୟକଙ୍କ ସହିତ ଶତାଧିକ କର୍ମୀ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ।

# ୨୦୨୫ ସୁଦ୍ଧା ରାଜ୍ୟକୁ ଯକ୍ଷ୍ମା ମୁକ୍ତ ପାଇଁ ଆହ୍ୱାନ

ଅନୁଗୋଳ ଅଫିସ, ୨୪।୩




ଯକ୍ଷ୍ମା ରୋଗର ଭୟାବହତା ଓ ଏହାର ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ୟୁନିଟ୍‌ରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ସଭାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଯକ୍ଷ୍ମାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସରକାରଙ୍କ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୫ ସୁଦ୍ଧା ରାଜ୍ୟକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ଏହି ରୋଗର ନିରାକରଣ ପାଇଁ ସାମୂହିକ ଉଦ୍ୟମ ଓ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ସରକାରଙ୍କ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ତଦାରଖ ପାଇଁ ୨୦୧୬ରୁ ଅନଲାଇନ୍‌ରେ ସୂଚନା ନିକ୍ଷୟପୋଷଣ ଆରମ୍ଭ ହୋଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡାକ୍ତର ରାକେଶ କୁମାର ସାହୁ, ଏଆର୍‌ଟି ସେଣ୍ଟରର ଏସ୍‌ଏମ୍‌ଓ ଡା.ଶାଶ୍ୱତ ସାମଗର ମିଶ୍ରଙ୍କ ସମେତ ବିଭିନ୍ନ ଚିକିତ୍ସାଳୟର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସାମାଜିକ କର୍ମୀ ଓ ଦିବ୍ୟ ନର୍ସିଂହୋମର ଛାତ୍ରୀମାନେ ଯୋଗଦେଇଥିଲେ।

# ନୂତନ କର୍ମୀଙ୍କୁ ସ୍ୱାଗତ



ସମାବେଶରେ ଉପସ୍ଥିତ ଦଳୀୟ ପ୍ରାର୍ଥୀ, ସମର୍ଥକ ଓ ନୂତନ କର୍ମୀ।

କଣିହାଁ, ୨୪।୩(ଡି.ଏନ.ଏ.)

ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ କଣିହାଁ ବ୍ଲକର ୮ ନମ୍ବର ଜିଲା ପରିଷଦ ଜୋନ ଭାଜପା ପକ୍ଷରୁ ରବିବାର ଟିକିରା ନଦୀକୂଳରେ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୯ଟି ପଞ୍ଚାୟତରୁ ଦଳରେ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ସମାବେଶରେ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ଯୋଗଦେଇ ରାଜ୍ୟ ସରକାର ଠିକା ପ୍ରୀତି ଓ ଦଳୀୟ କର୍ମୀଙ୍କୁ ପୋଷଣ କରୁଥିବା ଅଭିଯୋଗ କରି କଟୁ ସମାଲୋଚନା କରିଥିଲେ। ଭାଜପା ଶାସନକୁ ଆସିଲେ ଅଟକି ଯାଇଥିବା ବିକାଶ ଆଗେଇ ପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ସମର୍ଥିତ କଣିହାଁ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ତିରୁଲତା ଗଡନାୟକ, ଅଳକା ସାହୁ, ବସନ୍ତ ମଞ୍ଜରୀ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଥିବା କହିଥିଲେ। ତେଣୁ ଭାଜପାକୁ ଚଳିତ ବର୍ଷ ଶାସନକୁ ଆଣିବାକୁ ଜନ ସାଧାରଣ ସହଯୋଗ କରିବାକୁ ନିବେଦନ କରିଥିଲେ।

## ■ଶୋଭାଯାତ୍ରାବେଳେ ଗଣ୍ଡଗୋଳ, ୧୪ ଗିରଫ

# ଥାନା ଘେରିଲେ ନାକିଚି ଗ୍ରାମବାସୀ

ବଇଣ୍ଡା,୨୪।୩(ଡି.ଏନ.ଏ.)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ଗ୍ରାମରେ ଦୋଳ ଶୋଭାଯାତ୍ରାବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ପୋଲିସ ୨ଟି ମାମଲା ରୁଜୁ କରି ୧୪ ଜଣଙ୍କୁ ଗିରଫ କରିଛି। ତେବେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଛାଡି ନିର୍ଦ୍ଦୋଷ ଲୋକଙ୍କୁ ଗିରଫ କରିଥିବା ଗ୍ରାମବାସୀ ଅଭିଯୋଗ କରି ରବିବାର ହଣ୍ଡପା ଥାନା ଘେରାଉ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଶୁକ୍ରବାର ରାତିରେ ନାକିଚି ଗ୍ରାମରେ ଦୋଳଯାତ୍ରା ଚାଲିଥିବାବେଳେ ରାଧାକୃଷ୍ଣଙ୍କ ପ୍ରତିମାକୁ ଏକ ଟ୍ରାକ୍ଟର ଯୋଗେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଥିଲା। ଏହି ସମୟରେ ଟ୍ରାକ୍ଟର ମାଲିକ ରାଣିଭୂଇଁ ଗ୍ରାମର ଟୁନା ପ୍ରଧାନ ସେଠାକୁ ଆସି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଟ୍ରାକ୍ଟର ଚାବି ନେଇ ଗ୍ରାମବାସୀଙ୍କ ସହ ଗଣ୍ଡଗୋଳ କରିଥିଲେ। ଶନିବାର ସକାଳେ ଏ ବାବଦରେ ଗ୍ରାମ ଯାତ୍ରା କମିଟି ସଭାପତି ରଞ୍ଜିତ ସାହୁ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ କହିଛନ୍ତି। ଟୁନା ତାଙ୍କ ନାମରେ ଅଭିଯୋଗ ହୋଇଥିବା ଜାଣି ଉତ୍‌କ୍ଷିପ୍ତ ହୋଇ ଶନିବାର ସନ୍ଧ୍ୟାରେ ନାକିଚି ଗ୍ରାମର ବିଷ୍ଣୁ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କରିବାକୁ ଟୁନାଙ୍କ ବାପା ଚକ୍ରଧର ପ୍ରଧାନ ତାଙ୍କୁ ପ୍ରବର୍ତ୍ତାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନାକିଚି ଗ୍ରାମର କେତେଜଣ ବ୍ୟକ୍ତି ନାକିଚି ଛକକୁ ଆସି ଚକ୍ରଧରଙ୍କ ଦୋକାନକୁ ଭଙ୍ଗା ରୁଜା କରିଥିଲେ। ଏଥିସହ ସହ ଚକ୍ରଧରଙ୍କୁ ନାକିଚି ଗ୍ରାମକୁ ନେଇ ସେଠାରେ ଅଟକ ରଖିଥିଲେ।

ଖବରପାଇ ହଣ୍ଡପା ଆଇଆଇସି ଲବ ବୋଡ଼ାଙ୍କ ସହ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ଆଠମଲ୍ଲିକ, ଠାକୁରଗଡ଼, କିଶୋରନଗର, ହଣ୍ଡପା ପୋଲିସ ଚଢ଼ାଉ କରି ଚକ୍ରଧରଙ୍କୁ ଉଦ୍ଧାର କରିବାସହ ତାଙ୍କ ଦୋକାନ ଭଙ୍ଗାରୁଜା କରିବା ଅଭିଯୋଗରେ ନାକିଚି ଗ୍ରାମର ରବୀନ୍ଦ୍ର ଦେହୁରୀ, ସୁଶାନ୍ତ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ଦିଲେଶ୍ୱର ସାହୁ, ଲୁନୁ ସାହୁ, ରଞ୍ଜନ ସାହୁ, ବାବୁ ସିଂ, ଦିଲୀପ ସାହୁ, ଟିନା ଦେହୁରୀ, ପରମାନନ୍ଦ ବେହେରା, ଅମର ବେହେରା, ଲଳିତ ସାହୁ ଓ ଘାସିନାଥ ନାଗଙ୍କୁ ରାତି ଅଧିଆ ଗିରଫ କରିଥିଲେ। ଯାତ୍ରା କମିଟି ସଭାପତି ରଞ୍ଜିତଙ୍କ ଅଭିଯୋଗକ୍ରମେ ନଂ. ୪୯/୧୯ରେ ଏକ ମାମଲା ରୁଜୁ କରି ଚକ୍ରଧରଙ୍କୁ ଗିରଫ କରାଯାଇଛି। ଚକ୍ରଧରଙ୍କ ସାନପୁଅ କୁନା ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୭/୧୯ରେ ମାମଲା ରୁଜୁ କରି ଗ୍ରାମର ୧୩ ଜଣଙ୍କୁ ଗିରଫ କରିଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ପୋଲିସ ଘଟଣାର ଠିକ୍ ତଦନ୍ତ ନ କରି ନିର୍ଦ୍ଦୋଷ ଲୋକଙ୍କୁ ଗିରଫ କରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ଏ ନେଇ ଗ୍ରାମରେ ଏକ ବୈଠକ ବସିବାପରେ ସକାଳ ୧୦ଟାରୁ ଥାନା ଘେରାଉ କରିଥିଲେ। ଏ ସମ୍ପର୍କରେ ହଣ୍ଡପା ଆଇଆଇସି ଲବ ବୋଡ଼ା କୁହନ୍ତି, ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଗ୍ରାମର ଯେଉଁ ୧୩ ଜଣ ଗିରଫ ହୋଇଛନ୍ତି ସେମାନେ ଗଣ୍ଡଗୋଳରେ ସମ୍ପୃକ୍ତ ଅଛନ୍ତି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ସ୍କୁଲର ବିକାଶ ପାଇଁ ଆଲୋଚନା

**ବଅଁରପାଳ, ୨୪।୩ (ଡି.ଏନ୍.ଏ.)-** ଅନୁଗୋଳ ଖଲାରୀସ୍ଥିତ ହାଇସ୍କୁଲରେ ୨୦୦୬ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସ୍କୁଲର ପୂର୍ବତନ ଶିକ୍ଷକ ପ୍ରସନ୍ନ ସାହୁ, ସବିତା ପ୍ରଧାନ ଓ ଶିକ୍ଷୟିତ୍ରୀ ପଦ୍ମପ୍ରଭା ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସନ୍ତୋଷ ପ୍ରଧାନଙ୍କ ସଭାପତିତ୍ୱରେ ଏହି ବୈଠକରେ ପ୍ରାୟ ୫୦ରୁ ଅଧିକ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଆଦ୍ୟଶ୍ଳୋକ ମିଶ୍ର, ଗଦାଧର ନାୟକ, ଚନ୍ଦନ ନାୟକ, କେଦାର ସାହୁ, ସଞ୍ଜୀବ ସାହୁ, ରାହାସ ଦେହୁରୀ, ସୁପ୍ରଭା ସାମଲ, ମୋନାଲିସା ଦଳବେହେରା, ଲିନା ପ୍ରଧାନ, ସୁଚରିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ପରିବେଶ ସୁରକ୍ଷା ସଚେତନତା

**ଢେଙ୍କାନାଳ ଅଫିସ, ୨୪।୩:** ପରିବେଶ ସୁରକ୍ଷା ଏବଂ ପାଇଖାନା ବ୍ୟବହାର ସଚେତନତା ବାର୍ତ୍ତା ନେଇ ତିଳପଦା ଦଶଭୁଜା ପାଇକ ବାହିନୀ ପକ୍ଷରୁ ଶନିବାର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସଦର ବ୍ଲକ ରାଧାଦେଈପୁରସ୍ଥିତ ଉନ୍ନକୋଟିଶ୍ୱର ମନ୍ଦିରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ତିଳପଦା ଯାଏ ପରିକ୍ରମା କରିଥିଲା। ସରପଞ୍ଚ ଭାଗୀରଥି ନାୟକ, ଗ୍ରାମ ସଭାପତି ଲୋକନାଥ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଗ୍ରାମ ଦୋଳମଣ୍ଡପରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଣି ପରୀକ୍ଷା କରାଯିବା ସହ ଘର ଘର ବୁଲି ପାଇଖାନା ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ତିଳପଦା ଫ୍ରେଣ୍ଡସ୍ ଅନୁଷ୍ଠାନର ପ୍ରତାପ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଲିମଦାତା ଅମ୍ବିକା ପ୍ରସାଦ ମିଶ୍ର, ଇଗ୍ନୋ, ଫାନ୍ସା, ୱାଟର ଆକ୍ସନ, ୱାଲ୍ଡ ଭିଜନ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**ବଡ଼ବିଲ, ୨୪।୩ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଟାଟା ହଟିଂରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ସରସ୍ୱତୀ ପାତ୍ର(୨୨)। ସରସ୍ୱତୀ ଓ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଟାଟା ହଟିଂରେ ରୁହନ୍ତି। ରବିବାର ପୂର୍ବାହ୍ନରେ ଦେବେନ୍ଦ୍ର ଘରେ ନ ଥିଲାବେଳେ ସେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଦେବେନ୍ଦ୍ର ଘରକୁ ଫେରି ଘଟଣାସମ୍ପର୍କରେ ଜାଣିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ଦୁର୍ଘଟଣାରେ ଜଣେ ମୃତ

**ଯୋଡ଼ା,୨୪।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଲେଇପଦା ଫାଣ୍ଡି ଗୋବର୍ଦ୍ଧନପୁର ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚକ୍ରଧର ନାଏକ(୫୫) । ତାଙ୍କ ଘର ଗୋବର୍ଦ୍ଧନପୁର ଗ୍ରାମରେ। ସେ ଉକ୍ତ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବଡ଼ବିଲ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ୩ ଗିରଫ

**ପାଟଣା,୨୪।୩(ସ୍ୱ.ପ୍ର.):** କେନ୍ଦୁଝର ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଦାଶରଥୀପୁର ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଗତ ଶୁକ୍ରବାର ସନ୍ଧ୍ୟାରେ ଘରେ ପଶି ଅସଦାଚରଣ କରିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଉକ୍ତ ଗ୍ରାମର ୩ ବ୍ୟକ୍ତିଙ୍କୁ ରବିବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ଗୁଲି ମୁଣ୍ଡା, ବାବୁରାମ ମାଝି, ବିଦେଶୀ ମାଝି। ଅଭିଯୋଗ ଅନୁଯାୟୀ, ଘଟଣା ଦିନ ସମ୍ପୃକ୍ତ ୩ ଅଭିଯୁକ୍ତ ମହିଳାଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ.୨୭/୧୯) ରୁଜୁକରିଛି।

■ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନାମଲେଖା ପ୍ରବେଶିକା

# ପରୀକ୍ଷା ଦେଲେ ୧୬୪୨ ଛାତ୍ରୀଛାତ୍ର



ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ/କାମାକ୍ଷାନଗର (ଡି.ଏନ୍.ଏ.), ୨୪।୩**

ଢେଙ୍କାନାଳ ଜିଲାରେ ଥିବା ୪ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ଲାଗି ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଆବେଦନ କରିଥିବା ୧୬୮୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୬୪୨ଜଣ ପରୀକ୍ଷା ଦେଇଛନ୍ତି। ୪୪ ଜଣ ଅନୁପସ୍ଥିତ ଥିଲେ।

ସଦର ବ୍ଲକ ମହିଷାପାଟସ୍ଥିତ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ଏଠାରେ ୨୫୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪୫ଜଣ ପରୀକ୍ଷା ଦେଇଥିଲେ। ହିନ୍ଦୋଳ ଆଦର୍ଶ ସ୍କୁଲ ଲାଗି ରାସୋଳ ଏବଂ ଖଜୁରିଆକଟା ହାଇସ୍କୁଲରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାସୋଳ ହାଇସ୍କୁଲରେ ୩୦୦ ଆବେଦନକାରୀଙ୍କ ମଧ୍ୟରୁ ୨୯୯ ଏବଂ ଖଜୁରିଆକଟା ହାଇସ୍କୁଲରେ ୨୧୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦୫ଜଣ ପରୀକ୍ଷା ଦେଇଛନ୍ତି।

ଜନ୍ତାରିବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଜନ୍ତାରିବୋଲ ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଉଭୟ ସ୍ଥାନରେ ଯଥାକ୍ରମେ ୨୨୬ରୁ ୨୨୦ ଏବଂ ୩୯୦ରୁ ୩୭୬ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ କନ୍ଧରାସ୍ଥିତ ଆଦର୍ଶ ମହାବିଦ୍ୟାଳୟ ପାଇଁ ୩୦୪ ଆବେଦନକାରୀଙ୍କ ମଧ୍ୟରୁ ୨୯୭ ଜଣ ପରୀକ୍ଷା ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା ମୂଲ୍ୟାୟନ କାର୍ଯ୍ୟ ଶେଷ ହେବ। ଚୟନ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବାକୁ ସୁଯୋଗ ଦିଆଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା ସୂଚନା ଦେଇଛନ୍ତି। ଜିଲାର ସମସ୍ତ ବିଇଓ, ଏବିଇଓ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ, ଗଣଶିକ୍ଷା ବିଭାଗ କର୍ମଚାରୀ ପରୀକ୍ଷା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସିବିଏସ୍ଇ ଢାଞ୍ଚାରେ ଶିକ୍ଷାଦାନ ଲାଗି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଚଳିତବର୍ଷ ସଦର ଏବଂ ହିନ୍ଦୋଳ ବ୍ଲକରେ ନୂତନ ଭାବେ ବିଦ୍ୟାଳୟ ଖୋଲିଛି। ଏଠାରେ ଷଷ୍ଠ ଶ୍ରେଣୀରେ ଶିକ୍ଷାଦାନ ଲାଗି ପରୀକ୍ଷାର୍ଥୀଙ୍କୁ ଚୟନ କରାଯିବ। ସେହିପରି ଜନ୍ତାରିବୋଲ ଏବଂ କନ୍ଧରାରେ ଷଷ୍ଠ ଏବଂ ନବମ ଶ୍ରେଣୀରେ ଖାଲିଥିବା ସିଟ୍ ଲାଗି ମଧ୍ୟ ପରୀକ୍ଷା କରାଯାଇଥିଲା।

# ୩୨୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବ ଏବଂ ଏଚ୍ଡିଏଫସି ବ୍ୟାଙ୍କର ମିଳିତ ସହଯୋଗରେ ରବିବାର ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଅନୁପମା ଜେମ୍‌ସ, ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାର ଡା. ପ୍ରମୋଦ କୁମାର ମହାଳିକ, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ଡା. ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ବାସୁଦେବ ସାହୁ, ପରମାନନ୍ଦ ପଣ୍ଡା, ରୋହିତ କୁମାର ଦାସ, ବଳରାମ ମଲ୍ଲିକ, ଷ୍ଟାଫନର୍ସ ନଳିନୀପ୍ରଭା ରାଉତ, କର୍ମଚାରୀ ବରୁଣ ସାହୁ, ତପନ ଜେନା, ଅଜୟ ସାହୁ, ପିଣ୍ଟୁ ନାଏକ, ବିରଞ୍ଚି ରାଉତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧିକାରୀ ହୃଷୀକେଶ ମିଶ୍ର, ଅମିତ ଗୋଛାୟତ ଶିବିର ପରିଚାଳନା କରିଥିବାବେଳେ କ୍ଲବ ଉପଦେଷ୍ଟା ଅମରେନ୍ଦ୍ର ସାମଲ, ସଭାପତି ସନ୍ତୋଷ କୁମାର ଶତପଥୀ, ସମ୍ପାଦକ ଶୁଭେନ୍ଦୁ ଷଡଙ୍ଗୀ, କୋଷାଧ୍ୟକ୍ଷ ପ୍ରିୟବ୍ରତ ସାସ୍ମଲ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମାର୍ବଲ ଶୋ'ରୁମ୍ ଉଦ୍‌ଘାଟିତ



ମାର୍ବଲ ଶୋ'ରୁମ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ସହରସ୍ଥିତ ଏଲ୍‌ଆଇସି ଅଫିସ ରୋଡ୍ ଖମାରସାହିରେ ଜଗନ୍ନାଥ ମାର୍ବଲ୍ସର ଅତ୍ୟାଧୁନିକ ଶୋ'ରୁମ ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶୋ'ରୁମ ପ୍ରୋପ୍ରାଇଟର ସୁକାନ୍ତ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ଇନ୍ଦ୍ରମଣି ବେହେରା, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାରର ମାର୍ବଲ ପ୍ରଦର୍ଶିତ କରାଯାଇଥିଲା।

# ଯକ୍ଷ୍ମାମୁକ୍ତ ଭାରତ ଗଢ଼ିବାକୁ ଆହ୍ୱାନ

**କାମାକ୍ଷାନଗର, ୨୪।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଯକ୍ଷ୍ମା ନିରାକରଣ ଲାଗି ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

ବରିଷ୍ଠ ଟେକ୍ନିସିଆନ ବିଜୟ କୁମାର ସେନାପତି ଆଲୋଚନାରେ ଭାଗ ନେଇ କହିଲେ, ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା ଭଳି ମାରାତ୍ମକ ରୋଗର ମୂଳୋତ୍ପାଟନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାର ସଫଳ ରୂପାୟନ ଲାଗି ବିଭାଗୀୟ କର୍ମଚାରୀ ରୋଗୀଙ୍କ ପାଖରେ ପହଞ୍ଚିବା ଜରୁରୀ। ସାଧାରଣ ଲୋକେ ଏଥିରେ ସହଯୋଗର ହାତ ବଢ଼ାଇବା ନିତାନ୍ତ ଆବଶ୍ୟକ। ରୋଗୀ ନୁହେଁ, ରୋଗକୁ ଘୃଣା କର ଏପରି ମନୋଭାବ ରଖିଲେ ଭାରତ ଯକ୍ଷ୍ମାମୁକ୍ତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଡା. ପୁଣ୍ୟଶ୍ଳୋକ ପତି, ବରିଷ୍ଠ ଯକ୍ଷ୍ମା ନିରୀକ୍ଷକ ପ୍ରିୟବ୍ରତ ତ୍ରିପାଠୀଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

■ବସନ୍ତ ମେମୋରିଆଲ ସ୍କୁଲ ଚେସ୍ ପ୍ରତିଯୋଗିତା

# ଗୋପୀନ ମୁର୍ମୁ ଶ୍ରେଷ୍ଠ ପ୍ରତିଯୋଗୀ




ଚେସ୍ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୨୪।୩**

ଢେଙ୍କାନାଳ ଶ୍ରୀୟା ଚେସ୍ ଏକାଡେମୀ ପକ୍ଷରୁ ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ୫ମ ବସନ୍ତ ମେମୋରିଆଲ ସ୍କୁଲ ଚେସ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬ଜଣ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳିଙ୍କ ସମେତ ୩୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

ପ୍ରତିଯୋଗିତାରେ ୭ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ଗୋପୀନ ମୁର୍ମୁ ପ୍ରଥମ (୬.୫ ପଏଣ୍ଟ), ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ୍ ୨ୟ, ଶୁକ ମୁର୍ମୁ ୩ୟ, ଧୀର ପ୍ରଧାନ ୪ର୍ଥ, ହୃଷୀକେଶ ମହାପାତ୍ର ୫ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆର୍ବିଟର ତାପସ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ।

ଉଦ୍‌ଘାଟନୀ ଦିବସରେ ପୂର୍ବତନ ନଗରପାଳ ଶ୍ରୀକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟା ଚେସ୍ ଏକାଡେମୀ ସଭାପତି ସ୍ୱର୍ଣ୍ଣଲତା ମିଶ୍ର, ସହ ସମ୍ପାଦିକା ବନ୍ଦନା ପଣ୍ଡା, ମନୋରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ କିଶୋରୀ ମେଳା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରାସୋଳ, ୨୪।୩(ଡି.ଏନ୍.ଏ.)**

ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପି ୟୁଏସ୍‌ଏର ମିଳିତ ଉଦ୍ୟମରେ କ୍ଲଷ୍ଟରସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ, ସମ୍ମାନିତ ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆନନ୍ଦ ଚନ୍ଦ୍ର ମାଝି, ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

ଏଥିରେ ମାଧପୁର, ଦଣ୍ଡିରୀ, କୁନୁଆ, କଳିଙ୍ଗା, ଚିତ୍ତଲପୁର, ଗିରିଧରପ୍ରସାଦ, ଜରଡ଼ା ପଞ୍ଚାୟତର ୯୦ଜଣ କିଶୋରୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଦଳଗତ ନୃତ୍ୟ, ସଙ୍ଗୀତ, ବକ୍ତୃତା, ଝୋଟି, ଜଣାଅଜଣା ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କାର କରାଯାଇଥିଲା। କିଶୋରୀମାନେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପାଳ, ମହିଳା ସଂଯୋଜିକା ରାଜଲକ୍ଷ୍ମୀ ବେହେରା, ମରୁତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିନା ବିଶ୍ୱାଳ, ସ୍ୱାଗତିକା ରାଉତ, ସୌମ୍ୟାଶ୍ରୀ ସାହୁ, ଟିକିନା ସାହୁ, ଦେବସ୍ମିତା ସାହୁ, ରୀତା ମହାପାତ୍ର, କାହ୍ନୁଚରଣ ପାଳ, ଶରତ ପ୍ରଧାନ, ଶାନ୍ତନୁ ପ୍ରଧାନ, ଦିବାକର ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଲୁଟେରା ଗ୍ୟାଙ୍ଗର ୧୨ ଗିରଫ

**ଅନୁଗୋଳ ଅଫିସ, ୨୪।୩**

ହୋଲି ଦିନ ଅନୁଗୋଳ ପୋଲିସ ହାତରେ ଧରାପଡିଥିବା ଲୁଟେରା ଗ୍ୟାଙ୍ଗର ମୋଟ ୧୨ ଜଣଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି।

ଶୁକ୍ରବାର ରାତିରେ ଅନୁଗୋଳ ଡେରଜାଙ୍ଗ ଡ୍ୟାମ ନିକଟରେ ଡକାୟତି ଯୋଜନା କରୁଥିବାବେଳେ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏଥିରେ ଗାଙ୍ଗର ମୁଖ୍ୟ ଛେଣ୍ଡିପଦା ଅଞ୍ଚଳ ଘୁଣ୍ଟୁଳିପାଶି ଗାଁର ତରୁଣ ନାଏକ (୨୬) ଓ ଟିକନ ନାଏକ (୨୬)ଙ୍କ ସମେତ ବ୍ରାହ୍ମଣବିଲର ଦିବାକର ନାଏକ(୨୩), ଅନୁଗୋଳ ଥାନା ରାଜକିଶୋରପଡ଼ାର ଫିରୋ ଓରଫ ମୀରଜା ଫିରୋଜ ବାଗ (୨୩) ଓ ଦୀପୁ ଓରଫ ଦୀପକ ନାଏକ (୨୦), ହେମସୁରପଡ଼ାର ଚନ୍ଦୁ ଓରଫ ଚନ୍ଦ୍ରକାନ୍ତ ସେଠୀ (୨୧), ବୌଦ୍ଧ ଜିଲା ମନମୁଣ୍ଡା ଥାନା ବରୁଣ ଗ୍ରାମର କୃତ୍ତିବାସ କୁମ୍ଭାର (୨୩)ଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିଥିଲା। ତେବେ ସେଠାରୁ ଅନୁଗୋଳ ମ୍ୟୁନିସିପାଲଟି କଲୋନୀର ପିଙ୍କୁ ଓରଫ ଆଶିଷ ନାଏକ ଫେରାର ହୋଇଯାଇଛନ୍ତି। ପଚରାଉଚରା ପରେ ଗିରଫ ଡକାୟତଙ୍କଠାରୁ ସୂଚନା ପାଇ



ପୋଲିସ ହାତରେ ଧରାପଡ଼ିଥିବା ଲୁଟେରା ଗ୍ୟାଙ୍ଗ ସଦସ୍ୟମାନେ।

ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଛେଣ୍ଡିପଦା ଅଞ୍ଚଳର ରତ୍ନାକର ନାଏକ (୧୯), ସୁଶାନ୍ତ ଓରଫ ଲକ୍ଷ୍ମୀଧର ନାଏକ (୧୯), ବୈଦ୍ୟନାଥ ନାଏକ (୧୯), ସୁଶାନ୍ତ ନାଏକ(୨୦) ଓ ଫକୀର ନାଏକ (୨୪)ଙ୍କୁ ଗିରଫ କରିଥିଲା। ଚନ୍ଦ୍ରକାନ୍ତଙ୍କ

**ଜୀବନ୍ତ ଗୁଳି, ପିସ୍ତଲ ଜବତ**

ନିକଟରୁ ପୋଲିସ ଏକ ଦେଶୀ ପିସ୍ତଲ ସହ ମାଗାଜିନ୍ ଓ ଗୋଟିଏ ୯ ଏମ୍ଏମ୍ ଜୀବନ୍ତ ଗୁଳି ଜବତ କରିଛି। ସେହିପରି ଅନ୍ୟମାନଙ୍କଠାରୁ ମାରଣାସ୍ତ୍ର, ମୋବାଇଲ ଆଦି ସହ ମୋଟ ୨୮ଟି ବାଇକ୍ ଜବତ କରିଛି। ଏ ସଂକ୍ରାନ୍ତରେ ନଂ. ୨୧୩/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ଅନୁଗୋଳ ସହର ସମେତ ଛେଣ୍ଡିପଦା, ତାଳଚେର, ଦେବଗଡ଼ ଓ ବୌଦ୍ଧ ଅଞ୍ଚଳରୁ ସେମାନେ ଗାଡ଼ି ଚୋରି କରି ବିକ୍ରି କରୁଥିବା ପୋଲିସ କହିଛି। ଫେବୃୟାରୀ ୧୭ରେ ମଦନମୋହନ ଲଜ୍ ନିକଟରୁ ବାଇକ୍ ଚୋରି, ମାର୍ଚ୍ଚ ୧୨ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଓ ମାର୍ଚ୍ଚ ୩ ରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗାଡ଼ି ଚୋରି ମାମଲାରେ ଗିରଫ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ସେହିପରି ବନ୍ଧୁକ ରଖିଥିବା ଚନ୍ଦ୍ରକାନ୍ତଙ୍କ ନାମରେ ପୂର୍ବରୁ ୬ଟି ମାମଲା ଥିବାବେଳେ ଚଳିତ ଥର ଆର୍ମସ୍ ଆକ୍ଟ ଲଗାଯାଇଥିବା ମଧ୍ୟ ଏସ୍‌ଡିପିଓ କହିଛନ୍ତି। ସେହିପରି ଅନ୍ୟ ଅଭିଯୁକ୍ତଙ୍କ ନାମରେ ମଧ୍ୟ ପୂର୍ବରୁ ମାମଲା ଥିବା ଜଣାପଡିଛି। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି, ବିପ୍ଳବ ସାହୁ, ଏସ୍‌ଆଇ ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

